# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 September – 2026

************************************

## ମୁଖ୍ୟ ସମ୍ବାଦ

- ନବସୃଜନ ଓ ଗୁଣବତ୍ତା ଆଧାରରେ ଭାରତ ବିଶ୍ୱ ଅଟୋମୋବାଇଲ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ହୋଇପାରିବ; କହିଲେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ
- ଭୋଟର ତାଲିକାରେ ତ୍ରୁଟି ସଂଶୋଧନ ଲକ୍ଷ୍ୟରେ ଆଜିଠାରୁ ଭୁବନେଶ୍ୱର ମହାନଗର ନିଗମରେ ଆରମ୍ଭ ହେଲା ପାଇଲଟ ସର୍ଭେ ଅଭିଯାନ
- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଭାଦ୍ରବ କୃଷ୍ଣ ଅଷ୍ଟମି ତିଥିରେ ଅନୁଷ୍ଠିତ ହେବ କୃଷ୍ଣ ଜନ୍ମନୀତି

ଏବଂ

- ଭୁବନେଶ୍ୱରରେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

# ଗଡକରୀ-ଏସ୍ଆଇଏଏମ୍

ନବସୃଜନ, ଗୁଣବତ୍ତା ଏବଂ ପ୍ରତିଯୋଗିତାମୂଳକ ମୂଲ୍ୟ ଆଧାରିତ ଭାରତ ବିଶ୍ୱର ଅଟୋମୋବାଇଲ ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିବ ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ନୂଆଦିଲ୍ଲୀରେ ଭାରତୀୟ ଅଟୋମୋବାଇଲ ଉତ୍ପାଦକ ସଂଘ ସିଆମ୍‌ର ୬୬ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଗଡକରୀ କହିଛନ୍ତି, ଭାରତର ଅଟୋମୋବାଇଲ ଶିଳ୍ପକ୍ଷେତ୍ର ୨୨ ଲକ୍ଷ ୭୫ହଜାର କୋଟିରୁ ଅଧିକ ହୋଇଛି । ଜିଏସ୍‌ଟି ସଂଗ୍ରହର ଏହା ୧୫ ପ୍ରତିଶତ ଅବଦାନ ରଖୁଛି। ଏହି ଶିଳ୍ପକ୍ଷେତ୍ର ଯୋଗୁଁ ପ୍ରାୟ ୪ କୋଟି ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଗତ ଆର୍ଥିକ ବର୍ଷରେ ଭାରତର ଅଟୋମୋବାଇଲ ରପ୍ତାନୀ ୨୪ ପ୍ରତିଶତ ବୃଦ୍ଧି ପାଇଛି ।

ଡ୍ରାଇଭିଂ ଲାଇସେନ୍ସ ପାଇଁ ଏକ ଗ୍ରେଡେଡ୍ ପଏଣ୍ଟ ବ୍ୟବସ୍ଥା ପ୍ରଚଳନ କରିବାକୁ ସରକାର ବିଚାର କରୁଛନ୍ତି ବୋଲି ସେ କହିଛନ୍ତି । ସଡ଼କ ସୁରକ୍ଷା କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ ସ୍ୱରୂପ ଏଭଳି ପ୍ରୟାସ ଜାରି ରହିଛି । ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ ଗାଡ଼ିଚାଳନା ପ୍ରଶିକ୍ଷଣ, ଯାନବାହନ ଫିଟ୍‌ନେସ ଏବଂ ସ୍କ୍ରାପିଂ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶ୍ରୀ ଗଡକରୀ ଅଟୋ କମ୍ପାନୀଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

BBSR/R

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ନିର୍ଭୁଲ ଓ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ ଲକ୍ଷ୍ୟରେ ବିଶେଷ ପାଇଲଟ ସର୍ଭେ ଅଭିଯାନ ଆଜିଠାରୁ ଭୁବନେଶ୍ୱର ମହାନଗର ନିଗମ– ବିଏମ୍‌ସି'ରେ ଆରମ୍ଭ ହୋଇଛି। ବିଏମ୍‌ସି ଅଧୀନରେ ଥିବା ତିନୋଟି ବିଧାନସଭା କ୍ଷେତ୍ରରେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ– ବିଏଲ୍‌ଓ'ମାନେ ଘରକୁ ଘର ଯାଇ ସର୍ଭେ କରିବେ। ତେବେ ଆସନ୍ତା ଅକ୍ଟୋବର ମାସ ୨୬ ତାରିଖରୁ ନଭେମ୍ବର ମାସ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ସର୍ଭେ କାର୍ଯ୍ୟକୁ ଆରମ୍ଭ କରାଯିବ। ସର୍ଭେ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

Desk

## ଚିନି କଳର ପୁନରୁଦ୍ଧାର

ରାଜ୍ୟର ଚାରୋଟି ଚିନି କଳର ପୁନରୁଦ୍ଧାର ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି। ଏହା ଫଳରେ ଆଖୁଚାଷୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଯୁବପିଢ଼ିଙ୍କ ପର୍ଯ୍ୟନ୍ତ ଅନେକ ପରିବାର ରୋଜଗାର

ସୁଯୋଗ ପାଇବେ। ରାଜ୍ୟ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ଓଡ଼ିଶାର କୃଷି– ଶିଳ୍ପ କ୍ଷେତ୍ର ନୂତନ ଦିଗକୁ ଅଗ୍ରସର ହେଉଛି। ନୟାଗଡ଼ ସମେତ ରାଜ୍ୟର ଚାରୋଟି ଚିନିକଳର ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଯାହା ଯୁବପିଢ଼ିଙ୍କୁ ସମ୍ମାନଜନକ ରୋଜଗାର ଏବଂ ସ୍ଥାନୀୟ ଅର୍ଥନୀତିକୁ ନୂଆ ଗତି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର ଖାରବେଳ ଭବନରେ ସଚିବସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟରେ ଜାରି ରହିଥିବା ଏବଂ ଆଗକୁ ହେବାକୁ ଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ସାଇବର ସୁରକ୍ଷା, ନିଶାମୁକ୍ତ ଭାରତ, ଟିବି ମୁକ୍ତ ଭାରତ ଓ ଭୁବନେଶ୍ୱର-ପାରାଦ୍ୱୀପ-ପୁରୀ ଅର୍ଥନୈତିକ ଅଞ୍ଚଳ ପ୍ରକଳ୍ପ ଉପରେ ବୈଠକରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

**- V/O -**

୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ୨୫ଟି ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏଥିରେ ରାସ୍ତା, ରେଳ ଯୋଗାଯୋଗ, ପାନୀୟ ଜଳ ସହିତ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି।

Puri

## କୃଷ୍ଣ ଜନ୍ମନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିରେ କୃଷ୍ଣ ଜନ୍ମନୀତି ଅନୁଷ୍ଠିତ ହେବ। ସନ୍ଧ୍ୟାଧୂପ ଭୋଗ ଛେକ ଆସିବା ପରେ କୃଷ୍ଣ ଜନ୍ମ ନୀତି ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟାରୁ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

BBSR/R

## ଇଡ୍‌କୋ ଜମିବଣ୍ଟନ

ରାଜ୍ୟରେ ଶିଳ୍ପ ବିକାଶକୁ ଅଧିକ ଗତିଶୀଳ କରିବା ଏବଂ ନିବେଶକଙ୍କ ପାଇଁ ବ୍ୟବସାୟିକ ସୁଗମତା ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ– ଇଡ୍‌କୋ’ର ଜମିବଣ୍ଟନ କମିଟି ୩୭ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛି। ଇଡ୍‌କୋ ଅଧ୍ୟକ୍ଷ ଉଷା ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କମିଟିର ବୈଠକରେ ଅନୁମୋଦିତ ପ୍ରସ୍ତାବ ମଧ୍ୟରେ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ୨୪ଟି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ୧୩ଟି ଜମି ପ୍ରସ୍ତାବ ସାମିଲ ରହିଛି। ଏହାଦ୍ୱାରା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେବା ସହ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ବୃଦ୍ଧି, ଆଞ୍ଚଳିକ ଶିଳ୍ପ ବିକାଶ ଏବଂ ଯୋଗାଣ ଶୃଙ୍ଖଳକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ। ବୈଠକରେ ଶିଳ୍ପାଞ୍ଚଳରେ କର୍ମଚାରୀଙ୍କ ପାଇଁ ଆବଶ୍ୟକ ସୁବିଧା ସହ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ

ନିମନ୍ତେ ସୁରକ୍ଷିତ, ସୁଗମ ଓ ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧତା ଉପରେ ଗୁରୁତ୍ୱ ଦିଆଯାଇଛି।

BBSR/R

## ସବୁଜ ଅର୍ଥନୀତି ବିକାଶ

ରାଜ୍ୟର ସବୁଜ ଅର୍ଥନୀତି ବିକାଶ ଆଗାମୀ ୧୦ ବର୍ଷରେ ୧୦ ଲକ୍ଷ ପର୍ଯ୍ୟନ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ଏଥିପାଇଁ ଦକ୍ଷ ଶ୍ରମ ଶକ୍ତି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା ସହ ଓଡ଼ିଶା ଗ୍ରୀନ୍ ଜବ୍ସ ଆଣ୍ଡ ସ୍କିଲିଂ ମିଶନ ଆରମ୍ଭ କରିବାକୁ ଇଣ୍ଟରନ୍ୟାସନାଲ ଫୋରମ୍ ଫର ଏନ୍‌ଭାରମେଣ୍ଟ, ସଷ୍ଟେନବିଲିଟି ଆଣ୍ଡ ଟେକ୍ନୋଲୋଜି– ଆଇଫରେଷ୍ଟ ପକ୍ଷରୁ ସୁପାରିସ କରାଯାଇଛି। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆଇ ଫରେଷ୍ଟ ପକ୍ଷରୁ ଓଡ଼ିଶାର ସବୁଜ ଅର୍ଥନୀତି ପାଇଁ ଶ୍ରମ ଶକ୍ତି– ନିଯୁକ୍ତି, ଦକ୍ଷତା ଓ ଉଦ୍ୟୋଗର ସମ୍ଭାବନା ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ସରକାର, ଶିଳ୍ପ, ପ୍ରଶିକ୍ଷଣ, ସାମାଜିକ କ୍ଷେତ୍ରର ପ୍ରତିନିଧିମାନେ ଯୋଗ ଦେଇଥିଲେ। ରିପୋର୍ଟ ଅନୁଯାୟୀ, ୨୦୩୦ ମସିହା ସୁଦ୍ଧା ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରୁ ପ୍ରାୟ ୩୦ ହଜାର ଏବଂ ୨୦୩୫ ମସିହା ସୁଦ୍ଧା ଏହାର ଦ୍ୱିଗୁଣ ନିଯୁକ୍ତି ସୃଷ୍ଟି ହୋଇପାରେ। ମଞ୍ଜୁର ହୋଇଥିବା ସବୁଜ ନିବେଶ ପ୍ରକଳ୍ପରୁ ୪୮ ହଜାର ୪୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତିର ସମ୍ଭାବନା ରହିଛି। କୃଷି ବନୀକରଣ, ଜଙ୍ଗଲ ପରିଚାଳନା, ହେନ୍ତାଳ ବଣ ପୁନରୁଦ୍ଧାର ଓ ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ସବୁଜ ନିଯୁକ୍ତିର ବଡ଼ କ୍ଷେତ୍ର ହୋଇପାରିବ। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ

ସଚିବ ସୁକାନ୍ତ କୁମାର ପ୍ରଧାନ ଏଥିରେ ଯୋଗଦେଇ ସବୁଜ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ମତ ରଖିଥିଲେ।

BBSR/R

## ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା ଦିବସ

ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ୪୭ତମ ପ୍ରତିଷ୍ଠା ଦିବସ ଆଜି ଅପରାହ୍ନରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

Kendrapada

## ସଚେତନତା କାର୍ଯ୍ୟକ୍ରମ

ନିଶାମୁକ୍ତ ଭାରତ ଗଠନ ସଂକଳ୍ପକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲାବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଗତ ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲାର ୧୬ଟି ଥାନା ଅଧୀନରେ ରହିଥିବା ମହାବିଦ୍ୟାଳୟ, ବିଦ୍ୟାଳୟ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୩୩ଟି ନିଶା ବିରୋଧୀ ସଚେତନତା ବାର୍ତ୍ତା ସମ୍ବଳିତ କାର୍ଯ୍ୟକ୍ରମ କରାଯାଇଥିଲା। ଅଭିଯାନରେ ପୁଲିସ କର୍ମଚାରୀଙ୍କ ପ୍ରୟାସ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ସକ୍ରିୟ ସହଯୋଗ ଯୋଗୁଁ ଏହି ସଚେତନତାର ବାର୍ତ୍ତା ତୃଣମୂଳସ୍ତରରେ ପହଁଞ୍ଚିପାରିବ ବୋଲି ଜିଲ୍ଲା ପୁଲିସ ଅଧୀକ୍ଷକ ସିଦ୍ଧାର୍ଥ କଟାରିୟା କହିଛନ୍ତି।

Bhadrak

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ କରଞ୍ଜମାଳ ନିଗମାନନ୍ଦ ଉଚ୍ଚବିଦ୍ୟାଳୟଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଶିବିରରେ ପ୍ରଶାସନ ଅଧିକାରୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ।

Desk

# ବ୍ୟାଡମିଣ୍ଟନ

ଭୁବନେଶ୍ୱର ପୋଖରୀପୁଟ ଇନ୍‌ଡୋର ଷ୍ଟାଡିୟମଠାରେ ଆଜିଠାରୁ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେଉଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ଓଡ଼ିଶା ସମେତ ୬ଟି ରାଜ୍ୟର ୨୨୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେବେ । ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ଏକକ, ଯୁଗଳ ଓ ମିଶ୍ରିତ ବର୍ଗରେ ପ୍ରତିଯୋଗିତାମାନେ ଆୟୋଜିତ ହେବ ।

Desk

# ବନ୍ୟା-ପାଣିପାଗ

ଲଘୁଚାପର ପ୍ରଭାବରେ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟାସ୍ଥିତି ଜାରି ରହିଛି । ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ବାଲେଶ୍ୱର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲା ବିଶେଷକରି ପ୍ରଭାବିତ ହୋଇଛନ୍ତି । ବାଲେଶ୍ୱରର ୨୦୦ରୁ ଊର୍ଦ୍ଧ୍ୱ ଗାଁ ଜଳବନ୍ଦୀ ହେବା

ସହ ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାର ୧୪୬ଟି ଗ୍ରାମ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ଭିତରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭ ଦଶମିକ ୩/୭ ଘନଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୯ ହଜାର ୫୯୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୭ଟି ଗେଟ୍ ଦେଇ ୯୮ ହଜାର ୭୬୬ ଘନଫୁଟ ଜଳ ନିଷ୍କାସିତ ହେଉଛି।